CoverageReport: TCS IT Wiz – Bhubaneswar Edition (Post -event)

**Publication:** Suryaprabha
**Date:** 16/09/2014
**Edition:** Bhubaneswar
**Page No:**7
**Headline:**DAV Pokariput winners of TCS IT Wiz 2014, Bhubaneswar edition

# ଡିଏଭି (ପୋଖରୀପୁଟ) ଟିସିଏସ୍ ଆଇଟି ୱିଜ୍-୨୦୧୪ ଭୁବନେଶ୍ୱର ସଂସ୍କରଣ ବିଜେତା




॥ ପ୍ରଭାନ୍ୟୁଜ୍ ॥ ଭୁବନେଶ୍ୱର

ଭୁବନେଶ୍ୱର ଜୟଦେବ ବିହାର ରୋଡ୍‌ସ୍ଥିତ ପାଲ୍ ହାଇଟ୍ସରେ ଅନୁଷ୍ଠିତ ଟିସିଏସ୍ ଆଇଟି ୱିଜ୍‌ରେ ବିଭିନ୍ନ ସିଟି ସ୍କୁଲ୍‌ର ପ୍ରାୟ ୧୫୦୦ରୁ ଅଧିକ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଦେଶର ପ୍ରମୁଖ ଆଇଟି ସେବା ପ୍ରଦାନକାରୀ ସଂସ୍ଥା ଟାଟା କନ୍‌ସଲ୍‌ଟାନ୍ସି ସର୍ଭିସେସ୍ (ଟିସିଏସ୍) ଦ୍ୱାରା ଆୟୋଜିତ ଟିସିଏସ୍ ଆଇଟି ୱିଜ୍ ହେଉଛି ଭାରତର ସର୍ବବୃହତ୍ ଆନ୍ତଃ ବିଦ୍ୟାଳୟ ସ୍କୁଲ୍ ଆଇଟି କ୍ୱିଜ୍ କାର୍ଯ୍ୟକ୍ରମ।

ଭୁବନେଶ୍ୱର ସଂସ୍କରଣ ଆଞ୍ଚଳିକ ଫାଇନାଲ୍‌ରେ ଡିଏଭି, ପୋଖରୀପୁଟ୍‌ର ଦିବ୍ୟେନ୍ଦୁ ମିଶ୍ର ଏବଂ କ୍ରିଷ୍ଣେନ୍ଦୁ ମହାପାତ୍ର ସେମାନଙ୍କ ନିକଟ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଆଞ୍ଚଳିକ ରାଉଣ୍ଡ ବିଜେତାଙ୍କୁ ପ୍ରତ୍ୟେକ ଗୋଟିଏ ଲେଖାଏଁ ଆଇପ୍ୟାଡ୍ ଏୟାର ପ୍ରଦାନ କରାଯାଇଥିଲା ବେଳେ ବହୁ ଆଇଟି, ଜ୍ଞାନଧାରୀ ଛାତ୍ରଛାତ୍ରୀଙ୍କ ସହ ପ୍ରତିଯୋଗିତା ପରେ ରନର୍ସ ଅପ୍ ହୋଇଥିବା ଡିପିଏସ୍, କଳିଙ୍ଗର ଅକ୍‌ସଦ୍ ଏବଂ ଅଂଶୁମାନଙ୍କୁ ଗୋଟିଏ ଲେଖାଏଁ ଆଇପ୍ୟାଡ୍ ମିନି ଏବଂ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଟ୍ରଫି ଏବଂ ମେଡାଲ୍ ଦିଆଯାଇଥିଲା। ୬ ଚୂଡ଼ାନ୍ତ ଫାଇନାଲିଷ୍ଟଙ୍କୁ ଟିସିଏସ୍ ପକ୍ଷରୁ ସ୍ପେସ୍ ପ୍ୟାକ୍, ସିପର୍‌ସ, ଇୟରଫୋନ୍, ୟୁଏସ୍‌ବି ପେନ୍ ଡ୍ରାଇଭ୍, ସ୍ପିକର୍ସ, ପ୍ରଭୃତି ପ୍ରଦାନ କରାଯାଇଥିଲା। ଉଭୟ ଆଞ୍ଚଳିକ ବିଜେତା ଟିସିଏସ୍ ଆଇଟି ୱିଜ୍ ମେଗା ଫାଇନାଲ୍‌ରେ ଭୁବନେଶ୍ୱର ପାଇଁ ପ୍ରତିନିଧିତ୍ୱ କରିବେ। ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ୍ ସେଣ୍ଟର (ଓକାକ୍) କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରୁଦ୍ର ନାରାୟଣ ପଲ୍ଲାଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ।